**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**03rd July - 2026**

*************************************

***IPR***

## ଡପ୍ଲର ରାଡାର ସ୍ଥାପନ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ଆହୁରି ସୁଦୃଢ଼ ଓ ପ୍ରଭାବଶାଳୀ କରିବା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ଜଣାପଡ଼ିଛି, ସମ୍ବଲପୁରରେ ଖୁବ୍ ଶୀଘ୍ର ଡପ୍ଲର୍ ରାଡାର୍‌ର ଉଦ୍‌ଘାଟନ ହେବ । ସେହିଭଳି ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର୍ ରାଡାର୍ ସ୍ଥାପନ କାର୍ଯ୍ୟକୁ ଚଳିତ ବର୍ଷ ସୁଦ୍ଧା ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

***IPR***

## ଫସଲ ବୀମା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖରିଫ୍-୨୦୨୬ ଋତୁପାଇଁ ଯୋଜନାରେ

ନିରବଚ୍ଛିନ୍ନ ଓ ଫଳପ୍ରଦ କାର୍ଯ୍ୟକାରିତା ସହ ବିଭିନ୍ନ ନୀତିଗତ ପ୍ରସଙ୍ଗ ଉପରେ ସମୀକ୍ଷା କରାଯାଇଥିଲା । ଯୋଜନାରେ ଅଧିକ ସ୍ୱଚ୍ଛ ଓ ଦକ୍ଷ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ରାଜ୍ୟ ପ୍ରକଳ୍ପ ନିରୀକ୍ଷଣ କେନ୍ଦ୍ର ଗଠନ କରାଯାଇଥିବା ବୈଠକରୁ ଜଣାଯାଇଛି । ଏହି ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ୍ କରିବା, ଡିଜିଟାଲ୍ କ୍ରପ୍ ସର୍ବେକ୍ଷଣର ବ୍ୟବହାର ଏବଂ ପ୍ରଯୁକ୍ତି ଭିତ୍ତି ନିରୀକ୍ଷଣ ଉପରେ ଶ୍ରୀମତୀ ଗର୍ଗ ଗୁରୁତ୍ୱ ପ୍ରଦାନ କରିଥିଲେ ।

***Desk***

# ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ବାତିଲ୍ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କଟକ ଓ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଥିଲା ।

***Desk***

# ଅଣସର

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ସ୍ନାନ କରି ଅସୁସ୍ଥ ହେବା ପରେ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି । ଅଣବସରର ଆଜି ପଞ୍ଚମ ଦିନରେ

ଶ୍ରୀଜିଉମାନଙ୍କର ଚନ୍ଦନ ଓ କରାଳ ଖୋଲାଯାଇ ଶ୍ରୀଅଙ୍ଗ ଫିଟାଯିବ । ଆସନ୍ତାକାଲିଠାରୁ ଠାକୁରମାନଙ୍କୁ ଫୁଲୁରି ତେଲ ଲାଗି ସହ ଓଷୁଅ ଲାଗି ନୀତି ଆରମ୍ଭ ହେବ । ଏହି ସମୟରେ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଦର୍ଶନ କରୁଛନ୍ତି । ବହୁବର୍ଷର ବ୍ୟବଧାନ ପରେ ଗତକାଲି ଶ୍ରୀଅଲାରନାଥଙ୍କର ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା । ଅପରପକ୍ଷରେ ରଥ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଗତକାଲି ତିନିରଥପାଇଁ ରଥକନା କାର୍ଯ୍ୟ ଅନୁକୂଳ ହୋଇଛି ।

***Jajpur, Kandhamal, Sonepur/R***

# ଭି.ବି.-ଜି. ରାମ୍ ଜି.

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରରେ "ଭି.ବି.-ଜି. ରାମ୍ ଜି." କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିକଶିତ ଭାରତ ଗଠନ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ବକ୍ତାମାନେ କହିଛନ୍ତି ।

କନ୍ଧମାଳ ଜିଲ୍ଲାରେ "ଭି.ବି.-ଜି. ରାମ୍ ଜି." ଯୋଜନାର ଶୁଭାରମ୍ଭ ହେବା ସହ ଏହାର ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲାରେ ଭି.ବି.-ଜି. ରାମ୍ ଜି. ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

*Ganjam/R*

# ଜନଗଣନା ପ୍ରଶିକ୍ଷଣ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ’ ଜନଗଣନା କାର୍ଯ୍ୟରେ ନିର୍ଭୁଲ୍ ତଥ୍ୟ ସଂଗ୍ରହ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ ଏବଂ ସମନ୍ୱିତ ପ୍ରୟାସ ଉପରେ ଆଲୋଚନା କରିଥିଲେ ।

*Ganjam, Nabarangpur/R*

# ବନ ମହୋତ୍ସବ

ନବରଙ୍ଗପୁର ଜିଲ୍ଲା ଝରିଗାଁ ବନାଞ୍ଚଳ ପକ୍ଷରୁ ଗୁରୁସିଙ୍ଗା ଗ୍ରାମରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଝରିଗାଁର ଭାରପ୍ରାପ୍ତ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜଙ୍ଗଲ ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି କରିବାପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି ।

ବନ ମହୋତ୍ସବ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର କରାପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି ।

*Bhadrak/R*

# ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ତିହିଡି ବ୍ଲକ୍‌ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୌନ ଉତ୍ପୀଡ଼ନରୁ ସୁରକ୍ଷା, ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ଏବଂ ପୋକ୍ସୋ ଆଇନ ଉପରେ ଛାତ୍ରଛାତ୍ରୀମାନଙ୍କୁ ପ୍ରାଧିକରଣର ସଚିବ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚେତନ କରାଇଥିଲେ ।

*Nabarangpur/R*

# ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ନବରଙ୍ଗପୁର ଜିଲ୍ଲାର ଉମରକୋଟ୍ ବ୍ଲକ୍‌ସ୍ଥିତ ନାମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ଶକ୍ତି ସଂରକ୍ଷଣ, ବିଦ୍ୟୁତ୍ ବ୍ୟବହାର ଉପରେ ଜନ ସଚେତନତା ନେଇ ଏକ ଭିଡ଼ିଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି ।

***Khurda/R***

# ଓଜନ ଉତ୍ସବ

ଖୋର୍ଦ୍ଧା ଜିଲ୍ଲାରେ ଓଜନ ଉତ୍ସବପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଜନ ଉତ୍ସବ ଚଳିତ ମାସ ପହିଲାରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଏଥିରେ ୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ପୋଷଣ ସ୍ଥିତିର ଯାଞ୍ଚ୍ ସହ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା ରହିଛି ।

***Puri/R***

# ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ

ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ ପ୍ରତି ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତିକ ପ୍ଲାଷ୍ଟିକ ବ୍ୟାଗ୍ ମୁକ୍ତ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଏକ ନିରନ୍ତର ଭବିଷ୍ୟତପାଇଁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍‌ରୁ ମୁକ୍ତି" । ଚଳିତବର୍ଷ ବିଶ୍ୱକୁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍‌ରୁ ମୁକ୍ତ କରିବାର ଆହ୍ୱାନ ନେଇ ଏହି ଦିବସ ପାଳନ କରାଯାଉଛି ।

***Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଲଘୁଚାପର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****